# Celebration of Africa Day

May 25, 2022

## ଆଫ୍ରିକା ଦିବସ ପାଳିତ

ମଇ 25, 2022

ନୂଆଦିଲ୍ଲୀରେ ଥିବା ଆଫ୍ରିକୀୟ ମିଶନଗୁଡିକର ମୁଖ୍ୟ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମିଳିତ ଭାବେ 25 ମଇ 2022 ରେ ନୂଆଦିଲ୍ଲୀର ହୋଟେଲ ତାଜ ପ୍ୟାଲେସରେ ଆଫ୍ରିକା ଦିବସ ପାଳନ କରିଥିଲେ। ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ରାଜକୁମାର ରଞ୍ଜନ ସିଂହ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୁଖ୍ୟ ଭାଷଣ ପ୍ରଦାନ କରିଥିଲେ ଏବଂ ଆଫ୍ରିକୀୟ ଦେଶମାନଙ୍କ ସହ ବହୁମୁଖୀ ସମ୍ପର୍କ ଉପରେ କହିଥିଲେ।

1963 ରେ ଆଫ୍ରିକୀୟ ଏକତା ସଂଗଠନର ପ୍ରତିଷ୍ଠା ଏବଂ ସ୍ୱାଧୀନତା ପ୍ରାପ୍ତିର ବାର୍ଷିକିକୁ ଆଫ୍ରିକା ଦିବସ ଭାବରେ ପାଳନ କରାଯାଏ। ଏହି କାର୍ଯ୍ୟକ୍ରମ ଆଫ୍ରିକା ମହାଦେଶର ବିବିଧ ଐତିହ୍ୟକୁ ପାଳନ କରିବା ଓ ପ୍ରଶଂସା କରିବା ଏବଂ ଏହାର ଅର୍ଥନୈତିକ ସାମର୍ଥ୍ୟକୁ ସ୍ୱୀକାର କରିବା ପାଇଁ ଏକ ସୁଯୋଗ ପ୍ରଦାନ କରେ। ବର୍ଷ ବର୍ଷ ଧରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତୀୟ ବୈଦେଶିକ ନୀତିରେ ଆଫ୍ରିକାର ଗୁରୁତ୍ୱକୁ ଦର୍ଶାଇ ଏହି ବାର୍ଷିକ ଉତ୍ସବ ପାଇଁ ସହାୟତା କରୁଛି।

ଆଫ୍ରିକା ସହିତ ଭାରତର ପାରମ୍ପାରିକ ଓ ଐତିହାସିକ ଭାଗିଦାରୀ ରାଜନୈତିକ ବିନିମୟ ଜରିଆରେ ଆହୁରି ସୁଦୃଢ ହୋଇଛି ଯେଉଁଥିରେ ଭାରତର ଉପରାଷ୍ଟ୍ରପତିଙ୍କ ସମେତ ରାଷ୍ଟ୍ର ମୁଖ୍ୟ/ସରକାରଙ୍କ ମୁଖ୍ୟ ସ୍ତରରେ 34 ଟି ଗସ୍ତ ଏବଂ ଆଫ୍ରିକୀୟ ନେତାଙ୍କ ଭାରତକୁ 100 ରୁ ଅଧିକ ଗସ୍ତ ରହିଛି। ଏତଦ୍ ବ୍ୟତୀତ ଆଫ୍ରିକାର ପ୍ରତ୍ୟେକ ଦେଶକୁ ଭାରତର କେନ୍ଦ୍ର ମନ୍ତ୍ରୀମାନେ ଗସ୍ତ କରିଛନ୍ତି। ଆଫ୍ରିକାରେ 18 ଟି ନୂତନ କୂଟନୈତିକ ମିଶନ ଖୋଲିବା ଦ୍ୱାରା ଏହି ମହାଦେଶରେ ମୋଟ ଭାରତୀୟ ମିଶନ ସଂଖ୍ୟା 47 କୁ ବୃଦ୍ଧି ପାଇଛି ଏବଂ ଭାରତ ବିଶ୍ୱରେ ନିଜର କୂଟନୈତିକ ପ୍ରଭାବ ବିସ୍ତାର କରିଛି। ଆଫ୍ରିକା ସହିତ ଭାରତର ଭାଗିଦାରୀ ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ 10 ଟି ମାର୍ଗଦର୍ଶକ ନୀତି ଏହି ପରିବର୍ତ୍ତନଶୀଳ ଦୁନିଆରେ ଆଫ୍ରିକା ସହିତ ଭାରତର ବହୁମୁଖୀ ସମ୍ପର୍କରେ ଏକ ଉପକରଣ ଭାବରେ କାର୍ଯ୍ୟ କରୁଛି।

ଭାରତର ରିହାତି ଦରରେ ଋଣ, ଅନୁଦାନ ଏବଂ କ୍ଷମତା ବିକାଶ କାର୍ଯ୍ୟକ୍ରମ ଆଫ୍ରିକାର ସାମାଜିକ-ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏପର୍ଯ୍ୟନ୍ତ 12.26 ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଋଣ ସହାୟତା ଆଫ୍ରିକୀୟ ଦେଶଗୁଡିକୁ ପ୍ରଦାନ କରାଯାଇଛି, ଯାହା ଦ୍ୱାରା ଏହା ଭାରତଠାରୁ ରିହାତି ଋଣ ପ୍ରାପ୍ତ କରିଥିବା ଦ୍ୱିତୀୟ ବୃହତ୍ତମ ମହାଦେଶ ହୋଇପାରିଛି। ଏହି ଋଣ ସହାୟତା ଜରିଆରେ 193 ଟି ପ୍ରକଳ୍ପ ସମାପ୍ତ ହୋଇଛି ଏବଂ 66 ଟି ପ୍ରକଳ୍ପ ସମ୍ପ୍ରତି କାର୍ଯ୍ୟକାରୀ ହେଉଛି ଏବଂ ବିଭିନ୍ନ କ୍ଷେତ୍ରରେ ଯଥା ପାନୀୟ ଜଳ, କୃଷି ଯାନ୍ତ୍ରିକରଣ ଓ ଜଳସେଚନ, ସୌର ବିଦ୍ୟୁତିକରଣ, ବିଦ୍ୟୁତ ଉତ୍ପାଦନ କେନ୍ଦ୍ର, ଟ୍ରାନ୍ସମିସନ ଲାଇନ୍, ସିମେଣ୍ଟ ଓ ଚିନି କାରଖାନା, କପଡା, ଟେକ୍ନୋଲୋଜି ପାର୍କ ଏବଂ ରେଳ ଭିତ୍ତିଭୂମି ନିର୍ମାଣ ଆଦି 88 ଟି ପ୍ରକଳ୍ପ ପ୍ରାକ-କାର୍ଯ୍ୟକାରୀ ସ୍ତରରେ ଅଛି।

2015 ରେ ଆଇଏଏଫଏସ-III ସମୟରେ, ଭାରତୀୟ ବୈଷୟିକ ଓ ଅର୍ଥନୈତିକ ସହଯୋଗ (ଆଇଟିଇସି) ଏବଂ ଅନ୍ୟାନ୍ୟ ବୃତ୍ତି କାର୍ଯ୍ୟକ୍ରମ ଅଧୀନରେ ଭାରତ 50,000 ଟି ଛାତ୍ରବୃତ୍ତି ପ୍ରଦାନ କରିଥିଲା। ଏଥିମଧ୍ୟରୁ 32,000 ରୁ ଅଧିକ ଛାତ୍ରବୃତ୍ତି ସ୍ଲଟ୍ ଆଫ୍ରିକୀୟ ଯୁବକମାନଙ୍କ ଦ୍ୱାରା ବ୍ୟବହୃତ ହୋଇସାରିଛି। ସମ୍ପ୍ରତି ହଜାର ହଜାର ଆଫ୍ରିକୀୟ ଛାତ୍ର ସ୍ୱୟଂ ଆର୍ଥିକ ଯୋଜନା ଅଧୀନରେ ବିଭିନ୍ନ ଭାରତୀୟ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରୁଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଫ୍ଲାଗସିପ ଯୋଜନା ଜରିଆରେ ଟେଲି ଶିକ୍ଷା ପାଇଁ ଇ-ବିଦ୍ୟା ଭାରତୀ ଏବଂ ଟେଲି ମେଡିସିନ ପାଇଁ ଇ-ଆରୋଗ୍ୟ ଭାରତୀ ମାଧ୍ୟମରେ ଡିଜିଟାଲ ବ୍ୟବଧାନର ସମାଧାନ ପାଇଁ ଭାରତ ସରକାର ଆଫ୍ରିକୀୟ ଦେଶମାନଙ୍କୁ ସହାୟତା ଯୋଗାଇ ଆସୁଛନ୍ତି ଏବଂ ସ୍ନାତକ, ସ୍ନାତକୋତ୍ତର ଏବଂ ଡିପ୍ଲୋମା ପାଠ୍ୟକ୍ରମରେ ଅନଲାଇନ୍ ଶିକ୍ଷା ପ୍ରାପ୍ତ କରିବା ପାଇଁ 15,000 ଆଫ୍ରିକୀୟ ଛାତ୍ରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏପର୍ଯ୍ୟନ୍ତ 19 ଟି ଆଫ୍ରିକୀୟ ଦେଶ ଏହି ପ୍ରୟାସରେ ଅଂଶୀଦାର ହୋଇଛନ୍ତି। ଅଧିକନ୍ତୁ, ଆଫ୍ରିକୀୟ ଯୁବକମାନଙ୍କ ମଧ୍ୟରେ ଡିଜିଟାଲ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ଇଜିପ୍ଟ, ଘାନା, ଲେସୋଥୋ, ମୋରୋକୋ, ନାମିବିଆ, ଦକ୍ଷିଣ ଆଫ୍ରିକା ଏବଂ ତାଞ୍ଜାନିଆରେ ସାତୋଟି ସୂଚନା ଓ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ପ୍ରତିଷ୍ଠା କରିଛି। ଆଠଟି ଧନ୍ଦାମୂଳକ ତାଲିମ କେନ୍ଦ୍ର (ଭିଟିସି), ମାଡାଗାସ୍କାର ଏବଂ ନାଇଜରରେ ଜିଓ-ଇନଫରମେଟିକ୍ସ ଆପ୍ଲିକେସନ ପାଇଁ ଦୁଇଟି କେନ୍ଦ୍ର ଏବଂ ଜିମ୍ବାୱେରେ ଟେକ୍ନୋଲୋଜି କେନ୍ଦ୍ରର ନବୀକରଣ ଆଫ୍ରିକାକୁ ଡିଜିଟାଲ ପରିବର୍ତ୍ତନ ଓ ଦକ୍ଷତା ବୃଦ୍ଧିରେ ସହାୟକ ହେଉଛି।

ବାଣିଜ୍ୟ ଓ ଅର୍ଥନୈତିକ କ୍ଷେତ୍ରରେ ଭାରତ 2018-19 ରେ ଆଫ୍ରିକା ସହିତ 69.7 ବିଲିୟନ ଆମେରିକୀୟ ଡଲାରର ବାଣିଜ୍ୟ କରି ଆଫ୍ରିକାର ଚତୁର୍ଥ ବୃହତ୍ତମ ଅଂଶୀଦାର ଅଟେ ଏବଂ 70.7 ବିଲିୟନ ଡଲାର ପୁଞ୍ଜି ବିନିଯୋଗ କରି ଆଫ୍ରିକାର ପଞ୍ଚମ ବୃହତ୍ତମ ନିବେଶକ ଅଟେ। ତୈଳ ଓ ଗ୍ୟାସ, ଖଣି, ବ୍ୟାଙ୍କିଙ୍ଗ, ଔଷଧ, କପଡା, ଯାନବାହାନ, କୃଷି ଆଦି କ୍ଷେତ୍ରରେ ଭାରତ ପୁଞ୍ଜି ବିନିଯୋଗ କରିଛି। 38 ଟି ଆଫ୍ରିକୀୟ ଦେଶ ଭାରତ ସରକାରଙ୍କ ଡ୍ୟୁଟି ଫ୍ରି ଟାରିଫ ପ୍ରିଫରେନ୍ସ (ଡ୍ୟୁଏଫଟିପି) ଯୋଜନାରେ ଉପକୃତ ହୋଇଛନ୍ତି ଯାହାକି ଭାରତର ମୋଟ ଶୁଳ୍କ ରେଖାର 98.2 ପ୍ରତିଶତ ନିଶୁଳ୍କ ସୁବିଧା ଯୋଗାଉଛି।

କୋଭିଡ ମହାମାରୀ ସମୟରେ ଭାରତ ସରକାର 25 ରୁ ଅଧିକ ଆଫ୍ରିକୀୟ ଦେଶକୁ ମହାମାରୀର ମୁକାବିଲା କରିବା ପାଇଁ 150 ଟନ୍ ଚିକିତ୍ସା ସହାୟତା ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ "ଭ୍ୟାକ୍ସିନ ମୈତ୍ରୀ" ପଦକ୍ଷେପ ଅନ୍ତର୍ଗତ ଭାରତ 42 ଆଫ୍ରିକୀୟ ଦେଶକୁ 37.59 ମିଲିୟନ ଡୋଜ (ଅନୁଦାନ ବାବଦରେ 1.05 ମିଲିୟନ ଡୋଜ, ବାଣିଜ୍ୟ ବାବଦରେ 10.2 ମିଲିୟନ ଡୋଜ ଏବଂ ଗାଭିର କୋଭାକ୍ସ ପଦକ୍ଷେପ ଅନ୍ତର୍ଗତ 26.38 ମିଲିୟନ ଡୋଜ) ଏବଂ ମିଳିତ ଜାତିସଂଘର ସ୍ୱାସ୍ଥ୍ୟକର୍ମୀ ତଥା ଶାନ୍ତି ରକ୍ଷାକାରୀଙ୍କୁ 3,25,000 ଡୋଜ

ଯୋଗାଇ ଦେଇଛି। ମାନବିକ ସହାୟତା ଅନ୍ତର୍ଗତ ଭାରତ ବିଭିନ୍ନ ଆଫ୍ରିକୀୟ ଦେଶକୁ କ୍ଷୁଧା ଓ ଦାରିଦ୍ର୍ୟ ବିରୁଦ୍ଧରେ ଲଢେଇରେ ସାହାଯ୍ୟ କରିବା ପାଇଁ 15.8 ମିଲିୟନ ଆମେରିକୀୟ ଡଲାର ମୂଲ୍ୟର ଖାଦ୍ୟ ସହାୟତା ଯୋଗାଇ ଦେଇଛି।

ଏହି ଆଫ୍ରିକା ଦିବସ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଆଫ୍ରିକୀୟ ମିଶନ ମୁଖ୍ୟ, ନୂଆଦିଲ୍ଲୀରେ ଥିବା କୂଟନୈତିକ କର୍ପସର ସଦସ୍ୟ, ଥିଙ୍କଟ୍ୟାଙ୍କ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତଥା ଭାରତ ସରକାରଙ୍କ ଅନ୍ୟାନ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

**ନୂଆଦିଲ୍ଲୀ**

**ମଇ 25, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.